
# ଆଦି ସାମ୍ବାଦିକ ନୃସିଂହ ଗୁରୁ



ଜନ୍ମ ତା.୨୪.୩.୧୯୦୨ (ଫାଲ୍‌ଗୁନ ପୂର୍ଣ୍ଣିମା) ଏବଂ ମୃତ୍ୟୁ ତା.୨.୧.୧୯୮୪ (ପୌଷ ଅମାବାସ୍ୟା) । ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ନିଷ୍ପାପର ସମାଜସେବୀ ଓ ସେବାଧାରୀ ସାମ୍ବାଦିକ । ଅତି ସରଳ, ନିରାଡ଼ମ୍ବର, ସତ୍ୟବାଦୀ ଓ କର୍ମଠ । ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ପରିଧାନ ଏକ ଛୋଟ ଖଦୀ ଧୋତି ଓ ଛୋଟ ଖଦୀ ଗାମଛା ଏବଂ କାନ୍ଧରେ ଏକ ଖଦୀ ମୁଣି । ପଣ୍ଡେଇ କି ଛିପିଲି କିଛି ନାହିଁ; ଖାଲି ପାଦରେ ଚାଲିବା ।

ପରଲୋକ ଗମନ ପରେ ସମ୍ବଲପୁର ସହରରେ ଥିବା ଟାଉନ୍ ହାଇସ୍କୁଲର ନାମ "ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲ" ହୋଇଛି । ସମ୍ବଲପୁର ସହରର ରିଙ୍ଗରୋଡ୍‌ରେ ତାଙ୍କରି ନାମରେ ରହିଛି ଏକ ଉଦ୍ୟାନ ଏବଂ ତହିଁରେ ତାଙ୍କର ଏକ ପ୍ରତିମୂର୍ତ୍ତି । ପୁସ୍ତକ ଆକାରରେ ତାଙ୍କର ଜୀବନୀ ଓ ସ୍ମରଣିକା ପ୍ରକାଶ ପାଇଛି । ଜୀବନରେ ଘର ଖଣ୍ଡେ କରିପାରି ନାହାନ୍ତି । ସେ ହାଇସ୍କୁଲ ଛାତ୍ରାବସ୍ଥାରୁ ଅର୍ଥାତ୍ ଏକାଦଶ ଶ୍ରେଣୀର ଛାତ୍ର ଥିବା ଅବସ୍ଥାରୁ ଅର୍ଥାତ୍ ୧୯ ବର୍ଷ ବୟସରୁ ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜଣେ ମେଧାବୀ ଛାତ୍ର ହୋଇଥିଲେ ମଧ୍ୟ ଏଥିଯୋଗୁଁ ସେ କଲେଜ ପାଠ ପଢ଼ିପାରି ନ ଥିଲେ । ସାରା ଜୀବନ ଗରୀବ ହୋଇ ରହିଗଲେ । ୧୯୩୨ ମସିହାରେ, ୧୯୪୨ ମସିହାରେ ଏବଂ ୧୯୪୪ ମସିହାରେ ଏହିପରି ତିନିଥର ଜେଲ୍‌ବରଣ କରିଥିଲେ । ସେ କେବେ ହେଁ ସ୍ୱାଧୀନତା ସଂଗ୍ରାମର ନେତା ନ ଥିଲେ । ଜଣେ ନିସ୍ୱାର୍ଥପର ନିଷ୍ଠାପର କର୍ମୀ ଥିଲେ ।

ଏହିପରି ଜଣେ ମହାନ୍ ମନୀଷୀଙ୍କୁ ସମ୍ବଲ ଭୂମି ସାମ୍ବାଦିକ ରୂପେ ପାଇ ପାରିଥିଲା । ଏହି ମହାମନୀଷୀ ୧୯୩୨ ରୁ ୧୯୮୪ ପର୍ଯ୍ୟନ୍ତ ଜୀବନ ନାଟକର ଶେଷ ଯବନିକା ପଡ଼ିବା ପର୍ଯ୍ୟନ୍ତ ଦୀର୍ଘ ୫୨ ବର୍ଷ କାଳ ସାମ୍ବାଦିକତା କ୍ଷେତ୍ରରେ ଆମର ସେବା କରି ଯାଇଛନ୍ତି । ତାହା ପୁଣି ରାଷ୍ଟ୍ରର ଏକ ଖ୍ୟାତନାମା ସମ୍ବାଦପତ୍ର "ସମାଜ"ର ସାମ୍ବାଦିକ ରୂପେ । ଏହାଛଡ଼ା ସେ ୧୯୩୭ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ "ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ"ର ସାମ୍ବାଦିକ ଥିଲେ ।

ତେବେ ଆମ ପାଇଁ ଅତି ଦୁଃଖର କଥା ଯେ, ଗୁରୁ ଆଜ୍ଞା ଜୀବନର ଶେଷ ଭାଗରେ ଦୀର୍ଘ ୨୦ ବର୍ଷ କାଳ ସାମ୍ବାଦିକତା କ୍ଷେତ୍ରରେ ବିନା କାରଣରେ, ନିଜର ଦୋଷ ନ ଥାଇ ଅସହ୍ୟ କଷ୍ଟ ନିର୍ଯ୍ୟାତନା, ଅପମାନ ପାଇଛନ୍ତି । ଏଥିଯୋଗୁଁ ତାଙ୍କର ମୃତ୍ୟୁ ହେଲା ବୋଲି ଶୁଣାଯାଏ । ସମ୍ବଲପୁରର ଜଣେ ସୁବିଧାବାଦୀ, ସ୍ୱାର୍ଥପର ତଥା କାମଳ ସାମ୍ବାଦିକଙ୍କ ହୀନ ଚକ୍ରାନ୍ତରେ ଗୁରୁ ଆଜ୍ଞାଙ୍କୁ ଏହିପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା । ୧୯୬୭ ମସିହାରେ ତାଙ୍କୁ ପି.ଟି.ଆଇ.ର ସାମ୍ବାଦିକ ପଦରୁ ହଟାଇ ଦିଆଯାଇଥିଲା । "ସମାଜ"ରୁ ହଟାଇ ପାରିନଥିଲେ ମଧ୍ୟ ନାମକୁ ମାତ୍ର ରଖାଯାଇ ଅହରହ ନିର୍ଯ୍ୟାତନା ଦିଆଯାଉ ଥିଲା । ସମାଜର ଏଜେଣ୍ଟି (ବିତରଣ) କାଟି ଦିଆଯାଇଥିଲା ।

ଏହା ମୁଁ କହୁନାହିଁ; ଗୁରୁ ଆଜ୍ଞା ନିଜେ ଲେଖିଛନ୍ତି। (ଦ୍ରଷ୍ଟବ୍ୟ: ୨୦୦୬ ମସିହାରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକାର ପ୍ରାରମ୍ଭରେ ନୃସିଂହ ଗୁରୁଙ୍କ ଦ୍ୱାରା ଲିଖିତ "ମୋର ଆତ୍ମଜୀବନୀ" ଲେଖା।) ପରଲୋକ ଗମନର ୭ ମାସ ପୂର୍ବରୁ ଅର୍ଥାତ୍ ତା: ୨୧.୫.୧୯୮୩ ରେ ଗୁରୁ ଆଜ୍ଞା ଏହା ନିଜେ ଲେଖିଛନ୍ତି।

ଏହି କୁଚକ୍ରୀ, ତୁଚ୍ଛ ସାମ୍ବାଦିକଙ୍କ ଯୋଗୁଁ ମୋର ବଡ଼ଭାଇ ପ୍ରଫେସର ନିରଞ୍ଜନ୍ ପଣ୍ଡା ସମ୍ବଲପୁର ବିଶ୍ୱବିଦ୍ୟାଳୟର୍ କୁଳପତି ଥିବା ବେଳେ ଅଯଥା ବହୁତ କଷ୍ଟ, ନିର୍ଯ୍ୟାତନା, ଅପମାନ ଭୋଗିଛନ୍ତି। ଏହି ସାମ୍ବାଦିକଙ୍କ ଚକ୍ରାନ୍ତରେ ମୁଁ ମଧ୍ୟ ବ୍ୟକ୍ତିଗତ ଭାବେ ବହୁତ କଷ୍ଟ ପାଇଛି। ଏହା ଲେଖିବା ସମୟରେ ମୋର ମନରେ କଷ୍ଟ ହେଉଛି। ନିଜର ମନକୁ ହାଲୁକା କରିବାକୁ ଯାଇ ପୁଣି କହୁଛି ଯେ, ଏହା ହେଉଛି ଭଗବାନଙ୍କର ଲୀଳାଖେଳା। ଆମ୍ଭମାନଙ୍କ ପାଇଁ ପ୍ରାରବ୍ଧ।